**୨୬ ଜାନୁଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ଓ୍ୱହଦ୍ ଯୁଦ୍ଧର ଉତ୍କଟ ପରିସ୍ଥିତି ଓ ମୁସଲମାନମାନଙ୍କ ସଂଘର୍ଷର ବିଶ୍ୱାସବର୍ଦ୍ଧକ ଆଲୋଚନା । ବିଶ୍ୱଯୁଦ୍ଧରୁ ରକ୍ଷା ପାଇବା ସକାଶେ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦ୍ ଯୁଦ୍ଧରେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କୁ ଯେଉଁ ଆଘାତ ଲାଗିଥିଲା ତାହାର ବ୍ୟାଖ୍ୟାରେ ଆଉ କିଛି ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି । ହଜରତ ଇବ୍‌ନେ ଅବ୍‌ବାସ[ର.ଅ] ବର୍ଣ୍ଣନା କରନ୍ତି; ସେହି ଅବସରରେ ହଜୁର[ସ.ଅ] କହିଲେ; ଅଲ୍ଲାଃତାଲାଙ୍କ କୋପ ସେହି ବ୍ୟକ୍ତି ଉପରେ ଅବତୀର୍ଣ୍ଣ ହୋଇଥାଏ ଯାହାକୁ ଅଲ୍ଲାଃଙ୍କ ଅବତାର ତାଙ୍କ ମାର୍ଗରେ ନିହତ କଲେ ଏବଂ ଅଲ୍ଲାଃତାଲାଙ୍କ କ୍ରୋଧ ସେହି ଗୋଷ୍ଠୀ ଉପରେ ଅତି ପ୍ରଚଣ୍ଡ ରୂପ ନେଇଥାଏ ଯେ ତାଙ୍କ (ପ୍ରିୟ) ଦୂତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ମୁଖକୁ ରକ୍ତାକ୍ତ କରିଦେଲା ।

ତୀବ୍‌ରାନୀର (ଇତିହାସ ପୁସ୍ତକ)ରେ ବର୍ଣ୍ଣିତ ରହିଛି, ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କୁ ଆଘାତ ଲାଗିଲା ସେତେବେଳେ ଆପଣ[ସ.ଅ] କହିଲେ; ସେହି ଗୋଷ୍ଠୀ ଉପରେ ଅଲ୍ଲାଃତାଲାଙ୍କ ରୋଷ ଭୀଷଣ ରୂପେ ଅବତୀର୍ଣ୍ଣ ହୋଇଥାଏ ଯେ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ମୁଖକୁ କ୍ଷତାକ୍ତ କରିଦେଲା । କିଛି କ୍ଷଣ ଅନ୍ତରାଳରେ ଆପଣ[ସ.ଅ] ପୁନଶ୍ଚ କହିଲେ; ହେ ପ୍ରଭୁ ! ମୋ ଜାତିର ଲୋକମାନଙ୍କୁ କ୍ଷମା କରିଦିଅ କାରଣ ସେମାନେ ଅଜ୍ଞ ଅଟନ୍ତି । ସୁତରାଂ ଆପଣ [ସ.ଅ]ଙ୍କର ଦୟା ଯାହାକି ପ୍ରଭୁଙ୍କ ରଙ୍ଗରେ ପୂର୍ଣ୍ଣ ରୂପେ ବିମଣ୍ଡିତ ଥିଲା ସେହି ପ୍ରତିଶୋଧ ନେବା ଅବସରରେ ମଧ୍ୟ ସର୍ବୋଚ୍ଚ ସ୍ତରରେ ରହିଥିଲା । ଯେତେବେଳେ କି ଆପଣ କ୍ଷତାକ୍ତ ହୋଇ ଯାଇଥିଲେ ଏବଂ ଆପଣଙ୍କ ପବିତ୍ର ଶରୀରରୁ ରକ୍ତ ନିର୍ଗତ ହୋଇଚାଲିଥିଲା । ତଥାପି ଆପଣ ଏହି ଦୁଆ କଲେ ହେ ପ୍ରଭୁ ! ଏମାନେ ଯେଉଁ ଅନ୍ୟାୟ କରିଆଉଛନ୍ତି ବାସ୍ତବରେ ସେମାନେ ଅଜ୍ଞାନତା ଓ ନିର୍ବୋଧତା ଯୋଗୁଁ କରୁଛନ୍ତି । ତେଣୁ ସେମାନଙ୍କୁ କ୍ଷମା କରିଦିଅ, ସେମାନଙ୍କ ଦୋଷ ପ୍ରତିବଦଳରେ ତାଙ୍କର ସଂହାର କର ନାହିଁ । ଅଲ୍ଲାହୁମ୍ମା ସଲ୍ଲିଅଲା ମୁହମ୍ମଦିଓଁ ଓଅଲା ଆଲି ମୁହମ୍ମଦ୍ । ଦେଖ କି ଅପୂର୍ବ ଦୟା ଓ ନମ୍ରତାର ପରିପ୍ରକାଶ ।

ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍[ର.ଅ] ବର୍ଣ୍ଣନା କରିଛନ୍ତି; ଏପରି ପ୍ରତୀତ ହେଉଛି ଯେପରି ମୁଁ ଏବେ ମଧ୍ୟ ଦେଖୁଅଛି କି ଅବତାରମାନଙ୍କ ମଧ୍ୟରୁ ଜଣେ ଅବତାରଙ୍କର ଅବସ୍ଥା ଆପଣ ଶୁଣାଉଛନ୍ତି, ଯାହାଙ୍କୁ ତାଙ୍କ ଗୋଷ୍ଠୀର ଲୋକମାନେ ମାରିମାରି ଲହୁଲୁହାଣ କରି ଦେଇଥିଲେ । ଆଉ ସେ ନିଜ ମୁଖ ମଣ୍ଡଳରୁ ରକ୍ତ ପରିଷ୍କାର କରିବା ସହିତ କହୁଥିଲେ; ହେ ପ୍ରଭୁ ! ମୋ ଜାତିଭାଇଙ୍କୁ କ୍ଷମା କରିଦିଅ କାରଣ ସେମାନେ ଅଜ୍ଞ ଓ ନିର୍ବୋଧତା ବଶତଃ ଏପରି ଉଦଣ୍ଡତା କରୁଛନ୍ତି ।

ଏଥିସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ୍ ସାହେବ ମଧ୍ୟ ନିଜ ପୁସ୍ତକ ସିରତ୍ ଖାତମୁନ୍ ନବୀଇନ୍‌ରେ ବିସ୍ତୃତ ବ୍ୟାଖ୍ୟା କରିଛନ୍ତି; ଯେ ଦର୍‌ରା (ଗିରିପଥ)ରେ ପହଞ୍ଚି ହଜରତ ମୁହମ୍ମଦ[ସ.ଅ] ହଜରତ ଅଲୀ [ର.ଅ]ଙ୍କ

ସହାୟତାରେ ନିଜ କ୍ଷତାକ୍ତ ସ୍ଥାନକୁ ପରିଷ୍କାର କଲେ । ଆଉ ଯେଉଁ ଦୁଇଟି କଡ଼ି (କଣ୍ଟା) ଆପଣ ସ.ଅଙ୍କ ଗାଲରେ ଧସିହୋଇ ଯାଇଥିଲା, ତାହାକୁ ଅବୁ ଉବେଦାଃ ବିନ୍ ଜର୍ରାଃ ଅତ୍ୟନ୍ତ ଦୁଃସାହସିକତାର ସହ ନିଜ ଦାନ୍ତରେ ଟାଣିଟାଣି ବାହାର କଲେ । ଆଉ ଏହି ପ୍ରୟାସରେ ତାଙ୍କର ଦୁଇଟି ଦାନ୍ତ ଭାଙ୍ଗିଗଲା । ସେତେବେଳେ ହଜୁର ସ.ଅଙ୍କ କ୍ଷତସ୍ଥାନରୁ ବେଶ ରକ୍ତସ୍ରାବ ହେଲା ଏବଂ ଆପଣ ତାହାକୁ ଦେଖି ଅଭିଳାଷ ପୂର୍ଣ୍ଣ ଭଙ୍ଗିରେ କହୁଥିଲେ; କୈଫା ୟୁଫ୍‌ଲହୁ କୌମୁନ୍ ଖଜବୁ ଓଜହା ନବିଇହିମ୍ ବିଦ୍‌ଦମୀ ଓହୁଓ ୟଦ୍‌ଉହୁମ୍ ଇଲା ରବ୍‌ବିହିମ୍ ଯେ କିପରି ମୁକ୍ତି ଲାଭ କରିପାରିବ ସେହି ଗୋଷ୍ଠୀ ଯେ ନିଜ ଅବତାରଙ୍କ ମୁଖକୁ ରକ୍ତରଞ୍ଜିତ କରି ଦେଇଛି । ଏଥିଯୋଗୁଁ କି ସେ ତାଙ୍କୁ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଆଡ଼କୁ ଡ଼ାକରା ଦେଉଥିଲା । ତତ୍‌ପଶ୍ଚାତ ଆପଣସ.ଅ କିଛିକ୍ଷଣ ନିରବ ରହି ପୁନଶ୍ଚ କହିଲେ; ଅଲ୍ଲାହୁମ୍ମଗ୍ ଫିର୍‌ଲି କୌମି ଫଇନ୍ନହୁମ୍ ଲାୟାଲମୁନ୍ ଅର୍ଥାତ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋର ଗୋଷ୍ଠୀଙ୍କୁ କ୍ଷମା କରିଦିଅ କାରଣ ସେମାନଙ୍କର ଏହି ଅପରାଧ ନିଜ ଅଜ୍ଞତା ଓ ଉଦଣ୍ଡତା ଯୋଗୁଁ (ସାଧିତ) ହୋଇଛି । ବର୍ଣ୍ଣନାରେ ଉଲ୍ଲେଖ ରହିଛି ସେହି ଅବସରରେ ଏହି ପବିତ୍ର କୁରଆନର ଆୟତ ଅବତୀର୍ଣ୍ଣ ହେଲା ଲୈସା ଲକାମିନଲ୍ ଅମ୍‌ରି ଶୈଉନ୍ ଅର୍ଥାତ ଶାସ୍ତି ଓ କ୍ଷମା କରିବା ମାମଲା ଅଲ୍ଲାଃ ନିଜ ଅଧୀନରେ ରଖିଛନ୍ତି । ସେଥିରେ ତୁମର କୌଣସି ଦଖଲ ନାହିଁ । ପ୍ରଭୁ ଯାହାକୁ ଚାହିଁବେ କ୍ଷମା କରି ଦେବେ ଆଉ ଯାହାକୁ ଚାହିଁବେ ଦଣ୍ଡିତ କରିବେ ।

ହଜରତ ଫାତିମାତୁଜ୍ ଜୋହରାର.ଅ ଯେତେବେଳେ ଆପଣଙ୍କ ସଂକ୍ରାନ୍ତରେ ଏହି ହୃଦୟବିଦାରକ ଖବର ଶୁଣିଲେ ସେ ସଙ୍ଗେସଙ୍ଗେ ମଦିନାରୁ (ରଣକ୍ଷେତ୍ର ଅଭିମୁଖେ) ବାହାରି ପଡ଼ିଲେ । ଆଉ କିଛି କ୍ଷଣରେ ହିଁ ସେ ଓ୍ୱହଦ୍ ସ୍ଥଳେ ପହଞ୍ଚି ନିଜ ପିତାଙ୍କ କ୍ଷତରୁ ରକ୍ତ ସଫା କରିବା ଆରମ୍ଭ କରିଦେଲେ । କିନ୍ତୁ ରକ୍ତ ନିର୍ଗତ ହେବା ବନ୍ଦ ହେଉ ନଥିଲା । ଶେଷରେ  ହଜରତ ଫାତିମାର.ଅ ଚଟେଇର ଏକ ଟୁକୁଡ଼ା ଜାଳି ତାହାର ପାଉଁଶ ହଜୁର ସ.ଅଙ୍କ କ୍ଷତ ସ୍ଥାନରେ ବାନ୍ଧିଦେଲେ । ତେବେଯାଇ ରକ୍ତ ନିର୍ଗତ ହେବା ବନ୍ଦ ହେଲା । **ଅନ୍ୟ ମହିଳାମାନେ ମଧ୍ୟ ଅଘାତ ହୋଇଥିବା ସାହାବାମାନଙ୍କର ସେବାଶୁଶୃଷା କରି ପୁଣ୍ୟ ଅର୍ଜନ କଲେ ।**

ହଜରତ ମୁସଲେହ ମଉଦର.ଅ ଉକ୍ତ ଘଟଣା ଚର୍ଚ୍ଚା କରି କୁହନ୍ତି; ଓ୍ୱହଦ୍ ଯୁଦ୍ଧ ଅବସରରେ ଗୋଟିଏ ପଥର ହଜୁର ସ.ଅଙ୍କ ପରିହିତ ମୁକୁଟରେ ବାଜିଲା । ଫଳତଃ ତାହାର କଡ଼ି (କଣ୍ଟା) ଆପଣ ସ.ଅଙ୍କ କପାଳରେ ଧସିଗଲା ଯଦ୍ୱାରା ଆପଣ ଚେତାଶୂନ୍ୟ ହୋଇ ସେହି ସାହାବାମାନଙ୍କ ମରଶରୀର ଉପରେ ପଡ଼ିଗଲେ ଯେ ଆପଣଙ୍କ ଆଖପାଖରେ ଶତ୍ରୁର ପ୍ରତିଦ୍ୱନ୍ଦିତା କରି ଶହିଦ୍ ହୋଇ ଯାଇଥିଲେ । ସେଥିଅନ୍ତେ ଆଉ କିଛି ସାହାବା ଶହିଦ୍ ହୋଇ ହଜୁର ସ.ଅଙ୍କ ପବିତ୍ର ଶରୀର ଉପରେ ପଡ଼ି ଯାଇଥିଲେ । ଯଦ୍ୱାରା ଲୋକମାନେ ମଣିନେଲେ କି ଆପଣସ.ଅ ଶହିଦ୍ ହୋଇଗଲେ । କିନ୍ତୁ ଯେତେବେଳେ ଆପଣ ସ.ଅଙ୍କୁ ଗର୍ତ୍ତରୁ ବାହରକୁ ଅଣାଗଲା । ଆଉ ଚେତା ଫେରି ପାଇବା ପରେ ଆପଣଙ୍କର ଏକଥା ମନେପଡ଼ି ନଥିଲା କି ଶତ୍ରୁ ଦ୍ୱାରା ଆପଣଙ୍କୁ ଆଘାତ ଲାଗିଥିଲା । ଅର୍ଥାତ ଶତ୍ରୁ ମୋର ଦାନ୍ତ ଭାଙ୍ଗି ଦେଇଛି, ଆଉ ମୋ ନିକଟ ପରିଜନ ଓ ଅନୁଚରମାନଙ୍କୁ ଶହିଦ୍ କରି ଦେଇଛନ୍ତି । ବରଂ ଆପଣସ.ଅ ଚେତା ଫେରି ପାଇବା ପରେ ଏହି ଦୁଆ କରିଥିଲେ, ରବ୍‌ବିଗ୍ ଫିର୍‌ଲି କୌମି ଫଇନ୍ନହୁମ୍ ଲାୟାଲମୁନ୍ ଅର୍ଥାତ ହେ ପ୍ରଭୁ ! ଏହି ଲୋକମାନେ ମୋ ପଦମର୍ଯ୍ୟାଦାକୁ ଚିହ୍ନି ନାହାନ୍ତି । ତେଣୁ ତୁମ୍ଭେ ତାଙ୍କ ପ୍ରତି ଦୟା ପରବେଶ ହୁଅ ଏବଂ ତାଙ୍କ ଦୋଷ କ୍ଷମା କରିଦିଅ ।

ଓ୍ୱହଦ୍ ଯୁଦ୍ଧରେ ଦେବଦୂତଙ୍କର ମୁସଲମାନମାନଙ୍କ ପକ୍ଷରୁ ଯୁଦ୍ଧ ଲଢିବା ପରିପ୍ରେକ୍ଷୀରେ ମଧ୍ୟ ବର୍ଣ୍ଣନା ମିଳୁଛି । ହଜରତ ସାଦ୍ ବିନ୍ ଓ୍ୱକାସର.ଅ ବର୍ଣ୍ଣନା କରନ୍ତି; ମୁଁ ଓ୍ୱହଦ୍ ଦିନ ହଜରତ ମୁହମ୍ମଦ ସ.ଅଙ୍କ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଦୁଇ ବ୍ୟକ୍ତିଙ୍କୁ ଲଢୁ ଥିବାର ଦେଖିଲି । ଯେ ତୀବ୍ର ରୂପେ ଶତ୍ରୁ ଉପରେ ଆକ୍ରମଣ କରୁଥିଲେ କିନ୍ତୁ ସେ ଦୁହିଁଙ୍କୁ ନା ମୁଁ ପୂର୍ବରୁ କଦାପି ଦେଖିଥିଲି, ନା ତା'ପରେ କଦାପି ଦେଖିବାକୁ ପାଇଲି । ସେ ଦୁହେଁ ଦେବଦୂତ ଥିଲେ

ଅର୍ଥାତ ଜିବରାଇଲ୍ ଓ ମିକାଇଲ୍ ।

ଅଲ୍ଲାମା ବେହ୍‌କି ଉରଓାଙ୍କ ଠାରୁ ବର୍ଣ୍ଣନା କରନ୍ତି କି ଅଲ୍ଲାଃତାଲାଙ୍କ ତାହା ସହ ଧୈର୍ଯ୍ୟ ଓ ଧର୍ମନିଷ୍ଠତା ସର୍ତ୍ତରେ ପ୍ରତିଶୃତି କରିଥିଲେ ଯେ ପାଞ୍ଚହଜାର ଦେବଦୂତଙ୍କ ମାଧ୍ୟମରେ ତାଙ୍କର ସାହାଯ୍ୟ କରାଯିବ । ଆଉ ଅଲ୍ଲାଃତାଲା ଏହିପରି ହିଁ କରିଥିଲେ କିନ୍ତୁ ଯେତେବେଳେ ହଜୁର ସ.ଅଙ୍କ ଆଦେଶର ଉଲଘଂନ କରାଗଲା ଓ ନିଜ ସ୍ଥାନ, ଧାଡ଼ି ଛାଡ଼ି ସଂସାର ପ୍ରାପ୍ତି ଉଦ୍ଦେଶ୍ୟରେ (ମୁସଲମାନମାନେ) ମାତି ଗଲେ । ସେତେବେଳେ ଦେବଦୂତମାନେ ତାଙ୍କର ସାହାଯ୍ୟ ସହଯୋଗ କରିବାରୁ ବିମୁଖ ହୋଇଗଲେ । ଆଉ ପରାକ୍ରମୀ ଅଲ୍ଲାଃତାଲା ଏହି ଆୟତ ଅବତୀର୍ଣ୍ଣ କଲେ କି ସୁନିଶ୍ଚିତ ରୂପେ ଅଲ୍ଲାଃ ତୁମ ସହ ନିଜ ପ୍ରତିଶୃତି ପୂରଣ କରି ଦେଖାଇଲେ ଅଥବା ଯେତେବେଳେ ତୁମେ ତାଙ୍କ ଆଦେଶକ୍ରମେ ଶତ୍ରୁକୁ ନିପାତ କରି ଚାଲିଥିଲ । ହଜରତ ମୁହମ୍ମଦ ବିନ୍ ସାବିତ୍ ବର୍ଣ୍ଣନା କରନ୍ତି; ହଜୁରସ.ଅ ଓ୍ୱହଦ୍ ଯୁଦ୍ଧଦିନ କହିଲେ; ହେ ମୁସ୍‌ଏବ ତୁମେ ଆଗକୁ ଅଗ୍ରସର ହୁଅ ଏଥିରେ ଅବଦ୍ଧୁର୍ ରହେମାନ ବିନ୍ ଅଔଫ୍ ପଚାରିଲେ, ହେ ଅଲ୍ଲାଃଙ୍କ ଦୂତ ମୁସ୍‌ଏବ ଶହିଦ୍ ତ ହୋଇଯାଇ ନାହାନ୍ତି । ହଜୁରସ.ଅ ତାଙ୍କୁ ଉତ୍ତର ଦେଲେ ହଁ କିନ୍ତୁ ଜଣେ ଦେବଦୂତ ତାଙ୍କର ପ୍ରତିନିଧିତ୍ୱ କରୁଅଛି । ତାହାକୁ ମୁସ୍‌ଏବଙ୍କ ନାମ ପ୍ରଦାନ କରାଯାଇଛି । ଅଲ୍ଲାମା ଇବ୍‌ନେ ଅସକରୀ ହଜରତ ସାଦ୍ ବିନ୍ ଓ୍ୱକାସଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି; ଓ୍ୱହଦ୍ ଯୁଦ୍ଧଦିନ ମୁଁ ସ୍ୱୟଂକୁ ଦେଖିଲି କି ମୁଁ ତୀର ନିକ୍ଷେପ କରୁଅଛି, ଆଉ ସେଗୁଡ଼ିକୁ ଜଣେ ଧବଳ ରଙ୍ଗର ବସ୍ତ୍ର ପରିଧାନ କରିଥିବା ସୁନ୍ଦର ବ୍ୟକ୍ତି ମୋ ନିକଟକୁ ଘେନି ଆଣୁଛନ୍ତି । ମୁଁ ତାଙ୍କୁ ଚିହ୍ନି ନଥିଲି ତଥାପି ମନରେ ଏହି ଭାବ ଜାତ ହେଲା କି ସମ୍ଭବତଃ ସେ ଜଣେ ଦେବଦୂତ ହୋଇଥିବେ ।

ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ନିଜର ଏକ ଖୁତବାରେ ଏହି ଘଟଣା ଚର୍ଚ୍ଚା କରି କୁହନ୍ତି; ବଦର ଯୁଦ୍ଧରେ ଯେଉଁ ଦେବଦୂତମାନେ ଦେଖା ଯାଇଥିଲେ ତାଙ୍କ ମସ୍ତକରେ କଳା ରଙ୍ଗର ପଗଡ଼ି ରହିଥିଲା ଏବଂ ତାହା ତାଙ୍କର ୟୁନିଫର୍ମ ଥିଲା । ଆଉ ଯେତେବେଳେ ସଭିଏଁ ମତ ପ୍ରକାଶ କଲେ ସେତେବେଳେ ସେମାନେ ବିସ୍ମିତ ହେଲେ । କିନ୍ତୁ ଯେପରିକି ହଜରତ ମୁହମ୍ମଦସ.ଅ ମୁସଓ୍ୱିମିଇନ୍ (ଶବ୍ଦ)ର ବ୍ୟାଖ୍ୟା କଲେ ସେତେବେଳେ ଠିକ୍ ସେହିପରି ଘଟିଲା । ଏହିପରି ଓ୍ୱହଦ୍ ଯୁଦ୍ଧରେ ଯେଉଁ ଦେବଦୂତମାନେ ଦୃଶ୍ୟମାନ ହେଉଥିଲେ ତାଙ୍କ ମସ୍ତକରେ ପ୍ରତୀକ ସ୍ୱରୂପ ଲାଲ୍ ରଙ୍ଗର ପଗଡ଼ି ରହିଥିଲା । ଆଉ ଲାଲ୍ ରଙ୍ଗ ଅଶୁଭ ଓ ସନ୍ତପନା ପ୍ରତି ଇଙ୍ଗିତ କରିଥାଏ । କାରଣ ଓ୍ୱହଦ୍ ଯୁଦ୍ଧଦିନ ହଜୁର ସ.ଅଙ୍କୁ ଆଘାତ ଲାଗିବା ଯୋଗୁଁ ଯେଉଳି ଦୁଃଖ ଓ ଯନ୍ତ୍ରଣା ସାହାବାଙ୍କୁ ପହଞ୍ଚି ଥିଲା ସେହିପରି ବେଦନା ସାରା ଜୀବନରେ (ତାଙ୍କୁ) ପହଞ୍ଚି ନଥିଲା । ତାଙ୍କୁ ଗୋଟିଏ ବିପତ୍ତି ପରେ ଆଉ ଗୋଟିଏ ବିପତ୍ତି କବଳିତ କରିଚାଲିଥିଲା । ଯଦ୍ୱାରା ସେମାନେ ଦାରୁଣ ଦୁଃଖରେ ଧରାଶାୟୀ ହୋଇ ଯାଇଥିଲେ । ସୁତରାଂ ସେହି ଯୁଦ୍ଧରେ ଦେବଦୂତଙ୍କ ପ୍ରତୀକ ରୂପେ ଏକ ଏପରି ରଙ୍ଗର ଚୟନ କରାଯାଇଥିଲା ଯେଉଁଥିରେ ଦୁଃଖ ଓ ଯନ୍ତ୍ରଣା (ସାମିଲ) ରହିଥିଲା ।

ସାହାବାଙ୍କ ଦୃଢତା ଓ ଉତ୍ସର୍ଗୀ ପୂର୍ଣ୍ଣ କିମ୍ବଦନ୍ତିର ଦୃଷ୍ଟାନ୍ତ ତ ଢେର ଅଧିକ ରହିଛି ଯେ, କିପରି ସେମାନେ ନିଜ ଜୀବନ ଉତ୍ସର୍ଗ କରି ହଜୁର ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ । ହଜରତ ମିର୍ଜା ବଶିର ଅହେମଦ୍ ସାହେବ ଏଥି ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି; ସେତେବେଳେ ଅତି ଘମାଘୋଟ ଯୁଦ୍ଧ ଚାଲିଥିଲା, ଆଉ ମୁସଲମାନମାନେ ଏକ ଭୟଙ୍କର ଧର୍ମସଙ୍କଟ ଓ ପରୀକ୍ଷାରେ ପତିତ ଥିଲେ । ହଜୁର ସ.ଅଙ୍କ ଶହିଦ୍ ହେବାର ଖବର ଶୁଣି ଅନେକ ସାହାବା ସାହସ ହରାଇ ବସିଥିଲେ ଏବଂ ନିଜ ଅସ୍ତ୍ର ଫିଙ୍ଗି ରଣକ୍ଷେତ୍ରର ଗୋଟିଏ ପାର୍ଶ୍ୱରେ ବସି ପଡ଼ିଥିଲେ । ସେମାନଙ୍କ ମଧ୍ୟରେ ହଜରତ ଉମରର.ଅ ମଧ୍ୟ ସାମିଲ ଥିଲେ । ଇତିମଧ୍ୟରେ ଜଣେ ସାହାବି ହଜରତ ଅନସ୍ ବିନ୍ ନଜର୍ ଅନସାରୀ ଆସି ସେଠାରେ ପହଞ୍ଚିଲେ, ଆଉ ସେମାନଙ୍କୁ ନିରବ ବସି ରହିଥିବାର ଦେଖି ସେ ପ୍ରଶ୍ନ କଲେ ତୁମେମାନେ ଏଠାରେ କାହିଁ ବସି ରହିଛ ? ସେମାନେ ଉତ୍ତର ଦେଲେ ହଜୁରସ.ଅ ତ ଶହିଦ୍ ହୋଇଗଲେ ।

ବର୍ତ୍ତମାନ ଲଢିଲେ କ'ଣ ବା ଲାଭ ହେବ ? ଅନସ୍ ପୁନଶ୍ଚ କହିଲେ; ଏହା ହିଁ ତ ସଂଘର୍ଷର ସଠିକ୍ ସମୟ । ଫଳତଃ ଯେଉଁ ମୃତ୍ୟୁ ହଜୁର[ସ.ଅ] ଲଭିଛନ୍ତି ତାହା ଆମକୁ ମଧ୍ୟ ପ୍ରାପ୍ତ ହେବ । ଆଉ ହଜୁର [ସ.ଅ]ଙ୍କ ଅନ୍ତେ ବଞ୍ଚି ରହିବାର କି ମୂଲ୍ୟ ? ସେଥିଅନ୍ତେ ତାଙ୍କ ସମ୍ମୁଖକୁ ସାଦ୍ ବିନ୍ ମାଜ୍ ଆସିବାରୁ ସେ ତାଙ୍କୁ କହିଲେ, ହେ ସାଦ୍ ! ମୋତେ ତ ପର୍ବତର ଅପରପାର୍ଶ୍ୱରୁ ସୁଗନ୍ଧ ଆସୁଅଛି । ଏହା କହି ଅନସ୍ ଶତ୍ରୁର ଧାଡ଼ିରେ ପ୍ରବିଷ୍ଟ ହୋଇଗଲେ ଏବଂ ଶତ୍ରୁ ସହ ଲଢ଼ିଲଢ଼ି ଶହିଦ୍ ହୋଇଗଲେ । ଯୁଦ୍ଧ ଶେଷ ହେବା ପରେ ଦେଖାଗଲା ଯେ ତାଙ୍କ ଶରୀରରେ ୮୦ରୁ ଉର୍ଦ୍ଧ୍ୱ ଆଘାତ ଲାଗିଥିଲା । ଆଉ ତାଙ୍କୁ କେହି ଚିହ୍ନି ପାରୁ ନଥିଲେ କି ଏ କିଏ । ପରିଶେଷରେ ଅନସ୍ [ର.ଅ]ଙ୍କ ଭଗିନୀ ତାଙ୍କ ଆଙ୍ଗୁଠି ଦେଖି ତାଙ୍କୁ ଚିହ୍ନି ଥିଲେ ।

ହଜରତ ମୁସଲେହ ମଉଦ[ର.ଅ] ଉକ୍ତ ସାହାବାଙ୍କ ଶହିଦ୍ ହେବା ଘଟଣା ଚର୍ଚ୍ଚା କରି କୁହନ୍ତି; ଓ୍ୱହଦ୍ ଯୁଦ୍ଧରେ ଐଶ୍ୱର୍ଯ୍ୟମୟ ପ୍ରଭୁ ଯେତେବେଳେ ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କଲେ । ସେତେବେଳେ ହଜୁର[ସ.ଅ] କହିଲେ; ମାଲିକ୍ ବିନ୍ ଅନସ୍ [ର.ଅ]ଙ୍କର ସନ୍ଧାନ କର । ସେହି ସମୟରେ ତାଙ୍କ ଭଗିନୀ ଗୋଟିଏ ସ୍ଥାନରେ ମରଶରୀର ଏକ ଅଙ୍ଗ ପଡ଼ି ଥିବାର ଦେଖିଲେ, ଆଉ ତାଙ୍କ ଆଙ୍ଗୁଠି ଦେଖି ତାଙ୍କୁ ଚିହ୍ନି ହଜୁର [ସ.ଅ]ଙ୍କୁ ସୂଚିତ କଲେ ଯେ, ଏ ମୋର ଭ୍ରାତା । **ଏପରି ଥିଲା ସାହାବାଙ୍କର ହଜୁର [ସ.ଅ]ଙ୍କ ପ୍ରତି ପ୍ରେମ, ଅନୁରାଗ ଓ ଉତ୍ସର୍ଗତାର କାହାଣୀ ।** ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ ।

ସେଥିଅନ୍ତେ ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ସମ୍ପ୍ରତି ୟମନ୍‌ର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆରେ ମନେରଖିବେ । ସେମାନେ ଅତି ଉତ୍କଟ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି । ଏହିପରି ମୁସଲମାନ ସମ୍ପ୍ରଦାୟ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କ ମଧ୍ୟରେ ଏକତା ଉତ୍ପନ୍ନ କରିଦିଅନ୍ତୁ । ଆଉ ସେମାନଙ୍କୁ ଉତ୍ତମ ବୁଝାମଣା ଓ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ବିଶ୍ୱର ଏହି ଅପ୍ରୀତିକର ପରିସ୍ଥିତି ସାମାନ୍ୟ ହେବା ପାଇଁ ମଧ୍ୟ ଦୁଆ ଅବ୍ୟାହତ ରଖିବେ । କାରଣ ଖୁବ୍ ତୀବ୍ରତାର ସହ ସଂସାର ବିଶ୍ୱଯୁଦ୍ଧ ଆଡ଼କୁ ଅଗ୍ରସର ହେଉଅଛି । ଅଲ୍ଲାଃତାଲା କୃପା ଅବତୀର୍ଣ୍ଣ କରନ୍ତୁ ।

ପରିଶେଷରେ ମହାମହିମ ହଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକ ଶ୍ରୀମାନ ହାଫିଜ୍ ଡ଼ାଃ ଅବଦ୍ଦୁଲ୍ ହମିଦ୍ ଗାମାଙ୍ଗା ସାହେବ ନାଏବ ଅମିର ଜମାଅତ୍ ସେରେଲିଓ୍ୱନ୍ ଓ ଶ୍ରୀମତୀ ତାହେରାଃ ନଜିର୍ ବେଗମ୍ ସାହେବାଃ ପତ୍ନୀ ଶ୍ରୀମାନ ଚୌଧରୀ ରସିଦୁଦ୍ଦିନ୍ ସାହେବ ମୁରବୀ ସିଲ୍‌ସିଲାଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ଆଉ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ତଥା ଦୁଆ ପ୍ରାର୍ଥନା କଲେ କି ଅଲ୍ଲାଃତାଲା ତାଙ୍କ ସହ ସଦୟ ହୁଅନ୍ତୁ, ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କ ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।